

ତିମି ମଗର
(ସାତପାଟି, ମହାରାଷ୍ଟ୍ର)




ଏହି ପ୍ରଜାତିର ମାଛମାନଙ୍କୁ କୌଣସି ଉପାୟରେ ଧରିଲେ ଏବଂ ବିକ୍ରି କଲେ ୨୫୦୦୦ଟଙ୍କା ପର୍ଯ୍ୟନ୍ତ ଜୋରିମାନା ସହିତ ସାତବର୍ଷ ଜେଲଦଣ୍ଡର ବିଧାନ ରହିଛି ।

ତେଣୁ ଏହି ପ୍ରାଣୀମାନଙ୍କୁ ଜୀବନ୍ତ ଅବସ୍ଥାରେ ସମୁଦ୍ରକୁ ପୁନଶ୍ଚ ଛାଡ଼ିବାର ସମସ୍ତ ପ୍ରକାରର ପ୍ରଚେଷ୍ଟା କରିବା ନିତ୍ୟାନ୍ତ ଆବଶ୍ୟକ ।

ଏହି ସୁରକ୍ଷିତ ପ୍ରଜାତିର ମାଛ ମୃତ ବା ଜୀବନ୍ତ ଅବସ୍ଥାରେ, ଜାଣତ କିମ୍ୱା ଅଜାଣତରେ ଧରାପଡ଼ିଲେ ତାକୁ ନିକଟସ୍ଥ ବନ୍ୟପ୍ରାଣୀ ବିଭାଗ ଏବଂ ତା'ର ସଂଖ୍ୟା ଆକଳନ ବିଶେଷତ୍ୱ ପାଇଁ କେନ୍ଦ୍ରୀୟ ସାମୁଦ୍ରୀକ ମତ୍ସ୍ୟ ଅନୁସନ୍ଧାନ ସଂସ୍ଥାର ନିକଟସ୍ଥ କାର୍ଯ୍ୟାଳୟରେ ଅବଗତ କରାଇବା ଆବଶ୍ୟକ ଅଟେ ।






ବଡ଼ଦାନ୍ତୁଆ ଖଣ୍ଡାମଗର
(ମାଲପେ, କର୍ଣ୍ଣାଟକ)

ଅଧିକନ୍ତୁ ,୯୭ ପ୍ରତିଶତ ମଗର ପ୍ରଜାତି ମଣିଷଙ୍କର କିଛି କ୍ଷତି କରନ୍ତି ନାହିଁ । ଆମେ ମଧ୍ୟ ତାଙ୍କର କୌଣସି କ୍ଷତି କରିବା ଅନୁଚିତ ।

ସେମାନଙ୍କର ସୁରକ୍ଷା ଏବଂ ଜୀବିତ ରହିବା ନିମନ୍ତେ ଆମମାନଙ୍କର ସହଯୋଗ ଅତ୍ୟନ୍ତ ଜରୁରୀ ।

ଆସନ୍ତୁ, ଆମ ସମୁଦ୍ରରେ ଏହି ପ୍ରାଣୀମାନଙ୍କର ବିପୁଳ ପରିମାଣରେ ଉପସ୍ଥିତିକୁ ବଜାୟୀ ରଖିବା ପାଇଁ ହାତ ମିଳାଇବା ।

ମନେ ରଖନ୍ତୁ, ଏହି ଜୀବମାନଙ୍କର ସୁରକ୍ଷା କରିବା ଦ୍ୱାରା ଆମେ ଏକ ସୁସ୍ଥ ଏବଂ ସନ୍ତୁଳିତ ସାମୁଦ୍ରୀକ ପରିବେଶର ଅନୁରକ୍ଷଣରେ ଯୋଗଦାନ କରୁଅଛୁ ।



For more information, please contact:

DIRECTOR
ICAR-CENTRAL MARINE FISHERIES RESEARCH INSTITUTE
(INDIAN COUNCIL OF AGRICULTURAL RESEARCH)
P.B. NO. 1603, ERNAKULAM NORTH P.O.
KOCHI-682018

Prepared by:
Shoba Joe Kizhakudan, Subal Kumar Roul, Rajesh Kumar Pradhan,
K.S.S.M. Yousuf, P.U. Zacharia
ICAR-CMFRI

Translated to Odia by: Rajesh Kumar Pradhan, Subal Kumar Roul
Designed by: Abhilash P.R

Publication Production & Co-ordination
Library and Documentation Centre
CMFRI Pamphlet No. 57/2018

सी एम एफ आर आइ
CMFRI

# ଆମ ମଗର ମାନଙ୍କର ସଂରକ୍ଷଣ



## S.O.S
Save Our Sharks

ଭାରତୀୟ କୃଷି ଅନୁସନ୍ଧାନ ପରିଷଦ
କେନ୍ଦ୍ରୀୟ ସାମୁଦ୍ରୀକ ମତ୍ସ୍ୟ ଗବେଷଣା ସଂସ୍ଥା
କୃଷି ଗବେଷଣା ଓ ଶିକ୍ଷା ବିଭାଗ, କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର
ପୋଷ୍ଟ ବକ୍ସ ନଂ ୧୬୦୩, ଏରନାକୁଲମ୍ ନର୍ଥ ପି.ଓ.,
କୋଚି- ୬୮୨୦୧୮, କେରଳ

## ମଗର ମାନଙ୍କର ପ୍ରକୃତତ୍ତ୍ୱ

ଏହି ମଗର ପ୍ରଜାତିର ରାଜକୀୟ ମାଛ ମାନବ ଜାତିର ଉତ୍ପତ୍ତିର ବହୁ ପୂର୍ବରୁ ଆମ ସମୁଦ୍ରରେ ରାଜତ୍ୱ କରୁଥିଲେ ।

ସେମାନେ ଅନ୍ୟ ପ୍ରଜାତିର ଅସ୍ଥିଳ ମତ୍ସ୍ୟ ତୁଳନାରେ ବହୁ ପୁରାତନ ଅଟନ୍ତି ।

ସେମାନେ ବିଗତ ୪୦୦,୦୦୦,୦୦୦ରୁ ଅଧିକ ବର୍ଷ ଧରି ସମଗ୍ର ବିଶ୍ୱ ମହାସାଗରରେ ସନ୍ତରଣ କରି ଆସୁଛନ୍ତି । ପ୍ରଥମ ମଣିଷର ବିକାଶ ପ୍ରାୟତଃ ୨୦୦,୦୦୦ ବର୍ଷ ପୂର୍ବେ ହୋଇଥିଲା ।

ସାମୁଦ୍ରୀକ ପାରିସ୍ଥିତିକ ତନ୍ତ୍ରକୁ ସନ୍ତୁଳିତ ରଖିବା ପାଇଁ ଏହି ସର୍ବୋଚ୍ଚ ଶିକାରୀ ପ୍ରାଣୀଙ୍କର ଆବଶ୍ୟକତା ଜରୁରୀ ଅଟେ ।

୫୦୦ରୁ ଅଧିକ ମଗର ପ୍ରଜାତିର ମାଛ ବିଶ୍ୱମହାସାଗରରେ ରହିଥିବା ଅବଗତ ଥିଲା, କିନ୍ତୁ ବର୍ତ୍ତମାନ ଅଧିକାଂଶ ପ୍ରଜାତିର ମାତ୍ର ୧୦ ପ୍ରତିଶତ ଭାଗ ହିଁ ଦେଖିବାକୁ ମିଳୁଛନ୍ତି ।

ଅଧିକାଂଶ ମଗର ଦୀର୍ଘାୟୁ ଏବଂ ବୃହତକାୟ ହୋଇଥାନ୍ତି ।

ସେମାନଙ୍କର ପରିପକ୍ୱତା ଡେରିରେ ହୋଇଥାଏ ଏବଂ ତାଙ୍କର ପ୍ରଜନନ ଚକ୍ର ମଧ୍ୟ ମନ୍ଥର ହୋଇଥାଏ ।

ସାଧାରଣତଃ ଅଧିକାଂଶ ମଗର ପ୍ରଜାତିର ମାଛମାନେ ତାଙ୍କ ଶରୀରର ସର୍ବାଧିକ ଆକାରର ପ୍ରାୟତଃ ୫୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ହେଲା ପରେ ହିଁ ପରିପକ୍ୱତା ଲାଭ କରିଥାନ୍ତି ।

ସେମାନେ ଏକବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ପର୍ଯ୍ୟନ୍ତ ଗର୍ଭଧାରଣ କରିଥାନ୍ତି ।

ଏକା ଥରକରେ ବହୁତ କମ୍ ସଂଖ୍ୟାର ଶାବକ ଜନ୍ମ ଦିଅନ୍ତି, ପ୍ରାୟ ୨-୧୫ଟି ମଧ୍ୟରେ ସୀମିତ ଥାଏ ।

## ବିଲୁପ୍ତି ପଥରେ ମଗର

ମଗର ପକ୍ଷର ଚାହିଦା

ଅନିୟନ୍ତ୍ରିତ ସଂଦୋହନ

ପୁନଃରୁଦ୍ଧାର ନହେଲା ଜନିତ ହ୍ରାସର ଆଶଙ୍କା

ବହୁ ମଗର ବିଲୁପ୍ତ ପ୍ରଜାତିମାନଙ୍କ ସୂଚୀରେ ସାମିଲ ହେଉଛନ୍ତି

ଯଦିଓ ବହୁ ନିୟୁତ ବର୍ଷ ଠାରୁ ମଗରମାନେ ଭାରିମାତ୍ରାରେ ବିଲୁପ୍ତିର ଶିକାର ହେବାରୁ ବଞ୍ଚିଯାଇଛନ୍ତି
କିନ୍ତୁ
ସେମାନେ ମାଛଧରା ଚାପକୁ ସହ୍ୟ କରିବା ପାଇଁ ସକ୍ଷମ ହୋଇପାରିନାହାନ୍ତି ।

IUCN ଅନୁସାରେ ମଗରମାନେ ସବୁଠାରୁ ବିଲୁପ୍ତାଭିମୁଖୀ ମେରୁଦଣ୍ଡୀ ପ୍ରାଣୀ ଅଟନ୍ତି ।
ଆକଳନରୁ ଜଣାଯାଏ ଯେ ପ୍ରତିବର୍ଷ ସାରା ବିଶ୍ୱରେ ୧୦୦ ନିୟୁତରୁ ଅଧିକ ମଗର ମାଛ ମରାଯାଏ ।
ସେମାନେ ଏହି ବହୁଳ ମାତ୍ରାରେ ହେଉଥିବା ବାର୍ଷିକ ମୃତ୍ୟୁହାର ତୁଳନାରେ ଶୀଘ୍ର ପ୍ରଜନନ କରିପାରନ୍ତି ନାହିଁ ।

## ସମତୁଲ୍ୟ ଆଶଂକାରେ ଥିବା ଆତ୍ମୀୟ

ମାନବ ଜାତିର ହସ୍ତକ୍ଷେପ ଦ୍ୱାରା ହେଉଥିବା ପାରିସ୍ଥିତିକ ଅଧଃପତନ ଏବଂ ଅପରିଚାଳିତ ମାଛଧରା ହେତୁ ଏହି ମଗରମାନଙ୍କର ଆତ୍ମୀୟ ଶାଙ୍କୁଚ ଓ ଶିଶୁମାର ମଧ୍ୟ ସମାନ ଭାବରେ ବିପଦଶଙ୍କୁଳ ଅବସ୍ଥାରେ ରହିଛନ୍ତି ।

ଭାରତ ସରକାରଙ୍କର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ୧୦ଟି ପ୍ରଜାତିର ମଗର, ଶାଙ୍କୁଚ ଓ ଶିଶୁମାରଙ୍କୁ ଭାରତୀୟ ବନ୍ୟ ଜୀବନ (ସଂରକ୍ଷଣ) ଅଧିନିୟମ, ୧୯୭୨ ର ଅନୁସୂଚୀ-୧ ରେ ଅନ୍ତର୍ଭୁକ୍ତ କରିଛନ୍ତି, ଯେଉଁଥିରେ ଏହି ମାଛମାନଙ୍କର ଅବୈଧ ଧରିବା, ସଂଦୋହନ ଏବଂ ବାଣିଜ୍ୟ ଉପରେ କଟକଣା ଜାରି କରାଯାଇଛି ।



ପଣ୍ଡିଚେରୀ ମଗର
*Carcharhinus hemiodon*



ଗଙ୍ଗାନଦୀ ମଗର
*Glyphis gangeticus*



ଭାଲିଦାନ୍ତୁଆ ମଗର
*Glyphis glyphis*



ତିମି ମଗର
*Rhincodon typus*



ଗାଙ୍ଗୀୟ ଶାଙ୍କୁଚ
*Himantura fluviatilis*



କଂଟାଳ ଶାଙ୍କୁଚ
*Urogymnus asperrimus*



ମହାକାୟ ଗୀଟାର ମାଛ
*Rhynchobatus djiddensis*



ହରୀତ୍ ଖଣ୍ଡାମଗର
*Pristis zijsron*



ବଡ଼ଦାନ୍ତୁଆ ଖଣ୍ଡାମଗର
*Pristis microdon*



ଛୁରୀଦାନ୍ତୁଆ ଖଣ୍ଡାମଗର
*Anoxypristis cuspidata*

ଭାରତୀୟ ବନ୍ୟ ଜୀବ (ସଂରକ୍ଷଣ) ଅଧିନିୟମ, ୧୯୭୨ ଅନ୍ତର୍ଭୁକ୍ତ ଓ ଅନୁସୂଚୀ-୧ ରେ ଅନ୍ତର୍ଭୁକ୍ତ ମଗର, ଶାଙ୍କୁଚ ଓ ଶିଶୁମାର